ଭାରତୀୟ ଜନତା ଯୁବ ମୋର୍ଚ୍ଚା, ଓଡିଶା
BHARATIYA JANATA YUVA MORCHA, ODISHA
Qr. No.4R-3/2, Unit-3, Janpath, Bhubaneswar-1, E-mail-bjymodisha@gmail.com, Ph.(0674) 2390876/866 Fax-2393955

ଭାରତ – ବାହାରିନ୍ ଯୁବ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମ

# ବାହାରିନ ଗସ୍ତରେ ସ୍ଥାନ ପାଇଲେ ଦୁଇ ଓଡିଆ ଯୁବକ : ଯୁବମୋର୍ଚ୍ଚା

- **କଳା, ସଂସ୍କୃତି, କ୍ରୀଡା, ବିଜ୍ଞାନ ଆଦି ପ୍ରସଙ୍ଗରେ ହେବ ଆଲୋଚନା**
- **ଗସ୍ତରେ ସାମିଲ ହେଲେ ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ଦୀପକ ଗୋଛାୟତ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ଷଡଙ୍ଗୀ**

**ଭୁବନେଶ୍ୱର,ତା୧୭/୧୨ :** କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଭାରତ – ବାହାରିନ୍ ଯୁବ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମରେ ଆୟୋଜିତ ହେଉଛି । ଏହି କାର୍ଯ୍ୟକ୍ରମରେ ଭାରତର କଳା, ସଂସ୍କୃତି, କ୍ରୀଡା, ବିଜ୍ଞାନ ଆଦି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି ।

ବାହାରିନରେ ଆୟୋଜିତ ହେଉଥିବା ଯୁବ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମରେ ଭାରତର ୨୦ ଜଣିଆ ଏକ ପ୍ରତିନିଧୀ ଦଳ ବାହାରିନ ଗସ୍ତ କରିଛି । ଏହି ଅବସରରେ ଭାରତୀୟ ଯୁବମୋର୍ଚ୍ଚା ଓଡିଶା ପ୍ରଦେଶର ୨ ଜଣ ଉଚ୍ଚଶିକ୍ଷିତ ଯୁବକ ଭାଗ ନେଇଛନ୍ତି । ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ଦୀପକ ଗୋଛାୟତ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ଷଡଙ୍ଗୀ ଆଜି ବାହାରିନ ଗସ୍ତରେ ବାହାରିଛନ୍ତି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେବା ସହ ଏହି ପ୍ରତିନିଧୀଦଳରେ ସାମିଲ ହୋଇଥିବାରୁ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

(ବିଜେପି ମିଡିଆ ସେଲ୍)

Qr. No. 4R-3/2, Unit-3, Janpath, Bhubaneswar-751001, Ph.: (0674) 2390876 / 866, Fax - (0674) 2393955
E-mail : odishabjp@gmail.com, Website : www.bjpodisha.in